# NATIONAL NEWS BULLETIN (ODIA)

## 14 April - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶ ସରକାରଙ୍କୁ ମାର୍ଗଦର୍ଶନ କରୁଛି, କହିଲେ ପ୍ରଧାନମନ୍ତ୍ରୀ ।
- ଦେଶର ନ୍ୟାୟ ବ୍ୟବସ୍ଥାକୁ ଲୋକାଭିମୁଖୀ ଏବଂ ବୈଜ୍ଞାନିକ ଭିତ୍ତିଭୂମି ସମ୍ପନ୍ନ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଡିବି କନ୍‌ସଲ୍‌ଟାନ୍ସି ଦୁର୍ନୀତି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ୍ କଲା ସିବିଆଇ ।
- ଆଫ୍‌ଗାନ ପରିବାର ଗୁଡ଼ିକୁ ପାକିସ୍ତାନରୁ ବାହାର କରିବା ଲାଗି ସେଠାକାର ସରକାରଙ୍କ ପଦକ୍ଷେପ ଜାରି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଲା ଚେନ୍ନାଇ ସୁପରକିଙ୍ଗସ୍ ।

# ପିଏମ୍-ହରିଆଣା

ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶ ସରକାରଙ୍କୁ ମାର୍ଗଦର୍ଶନ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ହରିଆଣାର ହିସାର ଠାରେ ଆଜି ଏକ ଜନସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ଧରି ବାବା ସାହେବଙ୍କ ଜୀବନ, ସଂଘର୍ଷ ଏବଂ ତାଙ୍କର କାଳଜୟୀ ବାର୍ତ୍ତା ସରକାରଙ୍କ ଯାତ୍ରାର ମୂଳଦୁଆ ପାଲଟିଛି । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ନୀତି ବାବା ସାହେବଙ୍କ ପ୍ରଦର୍ଶିତ ମାର୍ଗରେ ଏକ ନର୍ମ ପଦକ୍ଷେପ, ଯାହା ସମସ୍ତଙ୍କ ପାଇଁ ନ୍ୟାୟ, ଅନ୍ତର୍ଭୁକ୍ତି କରଣ ଏବଂ ସମ୍ମାନର ମାର୍ଗ ଉନ୍ମୁକ୍ତ କରିଛି ବୋଲି ସେ କହିଛନ୍ତି ।

ତୃଣମୂଳ ସ୍ତରରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ମହିଳା, ସମାଜର ଅବହେଳିତ ବର୍ଗ, ଆଦିବାସୀଙ୍କ ଆକାଂକ୍ଷାକୁ ବାସ୍ତବରେ ପରିଣତ କରିବାରେ ଏହିସବୁ ପଦକ୍ଷେପ ସହାୟକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ବିକଶିତ ଭାରତ ସଂକଳ୍ପ ପୂରଣ ଦିଗରେ ହରିଆଣା ଗମ୍ଭୀରତାର ସହ କାର୍ଯ୍ୟ କରୁଛି ।

ୱାକଫ୍ ଆଇନ୍ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ଏହାଦ୍ୱାରା ମୁସଲମାନ ସମ୍ପ୍ରଦାୟର ଗରିବ ଲୋକ ବିଶେଷ ଉପକୃତ ହୋଇପାରିବେ ।

**V/O-PM WAQF**

ହିସାର୍‌ରୁ ଅଯୋଧ୍ୟାକୁ ବାଣିଜ୍ୟିକ ବିମାନ ଉଡ଼ାଣକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ପ୍ରଧାନମନ୍ତ୍ରୀ ହିସାର୍ ବିମାନ ବନ୍ଦରର ଦ୍ୱିତୀୟ ଟର୍ମିନାଲ୍ କୋଠାର ଶିଳାନ୍ୟାସ କରିଥିଲେ । ୪୧୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ଏହି ନୂତନ ଟର୍ମିନାଲ୍ ପ୍ରକଳ୍ପରେ ଉତ୍ସର୍ଗୀକୃତ କାର୍ଗୋ ସୁବିଧା, ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା, ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍ ବ୍ୟବସ୍ଥା ଆଦି ରହିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୧୪ ପୂର୍ବରୁ ଦେଶରେ ମାତ୍ର ୭୪ଟି ବିମାନ ବନ୍ଦର ଥିବା ବେଳେ ଏବେ ଏହା ଦେଢ଼ଶହକୁ ଅତିକ୍ରମ କରିଛି । ଏହି ଅବସରରେ  ସେ କେନ୍ଦ୍ରର ଉଡ଼ାଣ ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ ।

ଏହି ଅଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଦୀନବନ୍ଧୁ ଛୋଟୁରାମ ଥର୍ମାଲ୍ ପାୱାର୍ ପ୍ଲାଣ୍ଟର ୮ ଶହ ମେଗାୱାଟ୍ ବିଦ୍ୟୁତ୍ ଗ୍ରୀଡ୍, ମୁକରବପୁରରେ ବାୟୋ ଗ୍ୟାସ୍‌ପ୍ଲାଣ୍ଟ ଏବଂ ଭାରତମାଳା ପ୍ରକଳ୍ପ ଅଧୀନରେ ୧୪ କିଲୋମିଟରରୁ ଅଧିକ ଦୀର୍ଘ ରେୱାରି ବାଇପାସ୍ ପ୍ରକଳ୍ପ ସମେତ ଅନ୍ୟ କେତେକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।

**PM-ON-INDUSTRIAL-PROGRESS**

## ଏଚ୍ଏମ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀ ସରକାର ଦେଶର ନ୍ୟାୟ ବ୍ୟବସ୍ଥାକୁ ଲୋକାଭିମୁଖୀ ଏବଂ ବୈଜ୍ଞାନିକ ଭିତ୍ତିଭୂମି ସଂପନ୍ନ କରିବାକୁ ଚେଷ୍ଟା କରୁଛନ୍ତି। ଆଜି ନୂଆଦିଲ୍ଲୀରେ ସର୍ବଭାରତୀୟ ଫରେନ୍ସିକ୍ ସାଇନ୍ସ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ନ୍ୟାୟ ଚାହୁଁଥିବା ଲୋକମାନେ ଯେପରି ଠିକ୍ ସମୟରେ ନ୍ୟାୟ ପାଇବେ, ସେ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି । ଦେଶରେ ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଫରେନ୍ସିକ୍ ବିଜ୍ଞାନ ଅତ୍ୟନ୍ତ ଉପଯୋଗୀ ବୋଲି ଶ୍ରୀ ଶାହା କହିଛନ୍ତି । ଏହା ମାଧ୍ୟମରେ ଏକ ସୁରକ୍ଷିତ ଏବଂ ସୁଦୃଢ଼ ଭାରତ ଗଠନ କରିବା ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ସେ କହିଛନ୍ତି ୩ଟି ନୂଆ ଅପରାଧିକ ଆଇନ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ସଂସ୍କାର ।

**V/O AMIT-SHAH-JUSTICE**

## ସିବିଆଇ-ଡିବି କନ୍ସଲ୍ଟାନ୍ସି ଆରେଷ୍ଟ

ଡିବି ଷ୍ଟକ୍ କନ୍ସଲ୍ଟାନ୍ସି ଦୁର୍ନୀତି ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଦୁଇ ଜଣଙ୍କୁ ଗିରଫ୍ କରିଛି । ଗୁଆହାଟୀ ସ୍ଥିତ ଆକ୍ସିସ୍

ବ୍ୟାଙ୍କ୍‌ର ପୂର୍ବତନ ଶାଖା ପରିଚାଳକ ପୁଷ୍ପଜିତ୍ ପୁରକାୟସ୍ଥ ଏବଂ ଦିବ୍ରୁଗଡ଼ର ସନ୍ଦୀପ ଗୁପ୍ତାଙ୍କୁ ଏହି ମାମଲାରେ ଗିରଫ୍ କରାଯାଇଛି । ସିବିଆଇ କହିଛି, ଡିବି ଷ୍ଟକ୍ କନ୍‌ସଲ୍‌ଟାନ୍ସି ସହ ମିଶି ଶ୍ରୀ ପୁରକାୟସ୍ଥ ନିବେଶକଙ୍କୁ ଅଧିକର ରିଟର୍ଣ୍ଣ ଦେବାର ମିଥ୍ୟା ପ୍ରତିଶ୍ରୁତି ପଦାନ କରିବା ସହ ବେଆଇନ୍ କମିଶନ୍ ଆଦାୟ କରୁଥିଲେ । କନ୍‌ସଲ୍‌ଟାନ୍ସି ଫାର୍ମର ମୁଖ୍ୟ ଏଜେଣ୍ଟ ଭାବେ ପରିଚିତ ଶ୍ରୀ ଗୁପ୍ତା ୩୫୦ରୁ ଅଧିକ ଗ୍ରାହକଙ୍କୁ ଡିବି କନ୍‌ସଲ୍‌ଟାନ୍ସିକୁ ଆଣି ଲକ୍ଷାଧିକ ଟଙ୍କା ରୋଜଗାର କରିଥିଲେ । ଅବ୍ୟବସ୍ଥିତ ଜମା ଯୋଜନା ମାଧ୍ୟମରେ ଦେଶର ୧୦ ହଜାରରୁ ଅଧିକ ଲୋକଙ୍କ ଠାରୁ ୪୦୦ କୋଟିରୁ ଅଧିକ ଟଙ୍କାର ଠକେଇ ଅଭିଯୋଗରେ ଡିବି ଷ୍ଟକ୍ କନ୍‌ସଲ୍‌ଟାନ୍ସିର ମାଲିକ ଦୀପଙ୍କର ବର୍ମନ୍‌ଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍ ଦାଖଲ କରିସାରିଛି ।

## ପାକିସ୍ତାନ-ଆଫ୍‌ଗାନିସ୍ତାନ

ଆଫ୍‌ଗାନ ପରିବାରଗୁଡ଼ିକୁ ପାକିସ୍ତାନରୁ ବାହାର କରିବା  ପାକିସ୍ତାନ ସରକାର ଜାରି ରଖିଛନ୍ତି । ପୂର୍ବ ନାଙ୍ଗରହର୍‌ର ତୋରଖାମ୍ ସୀମା ଏବଂ ଦକ୍ଷିଣ କାନ୍ଦାହାର୍ ପ୍ରଦେଶର ସ୍ପିନ୍‌ବୋଲ୍‌ଡକ୍ ସୀମା ଦେଇ ଆଫ୍‌ଗାନ

ପରିବାର ଗୁଡ଼ିକୁ ସେଠାକୁ ପଠାଇ ଦିଆଯାଉଛି ବୋଲି ଆଫ୍‌ଗାନିସ୍ତାନର ଅଧିକାରଙ୍କ ସୂତ୍ରରୁ ଜଣାପଡ଼ିଛି ।  ଆଫଗାନିସ୍ତାନର ପ୍ରବାସୀ ଫେରନ୍ତା ଆୟୋଗ କହିଛନ୍ତି, ପାକିସ୍ତାନ ପକ୍ଷରୁ ଗତକାଲି ମୋଟ୍ ୮୫୨ଟି ଆଫ୍‌ଗାନ ପରିବାରକୁ ବହିଷ୍କାର କରିଛନ୍ତି । ଏଥିରେ ୪ ହଜାର ୫୬୭ ଜଣ ସଦସ୍ୟ ରହିଛନ୍ତି । ଗତ ଶନିବାର ଦିନ ପାକିସ୍ତାନ ପକ୍ଷରୁ ମୋଟ୍ ୬ ହଜାର ୫୦୦ ଆଫ୍‌ଗାନ୍ ସରଣାର୍ଥୀଙ୍କୁ ବହିଷ୍କାର କରାଯାଇଥିଲା ବୋଲି ଆୟୋଗ ସୂଚନା ଦେଇଛନ୍ତି । ପାକିସ୍ତାନ ସରକାର ଚଳିତ ବର୍ଷ ୩୦ ଲକ୍ଷ ଆଫ୍‌ଗାନିସ୍ତାନକୁ ନିଜ ଦେଶରୁ ବହିଷ୍କାର କରିବାକୁ ଯାଉଥିବା ଗଣମାଧ୍ୟମ ସୂତରୁ ସୂଚନା ମିଳିଛି ।

## ଇକ୍ୟୁଡର୍ ପ୍ରେଜ୍

ଡାନିଏଲ୍ ନୋବୋଆ ଇକ୍ୟୁଡର୍‌ର କ୍ରମାଗତ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ନିର୍ବାଚନରେ ତାଙ୍କର ବାମପନ୍ଥୀ ପ୍ରତିଦ୍ୱନ୍ଦ୍ୱି ଲୁଇସା ଗଞ୍ଜାଲେସ୍‌ଙ୍କ ବିପକ୍ଷରେ ୫୫ ପ୍ରତିଶତରୁ ଅଧିକ ଭୋଟ୍ ପାଇ ସେ ବିଜୟ ହାସଲ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ୩୭ ବର୍ଷୀୟ

ଦକ୍ଷିଣପନ୍ଥୀ ନେତା ଶ୍ରୀ ନୋବୋଆ ତାଙ୍କ ବିଜୟକୁ ଐତିହାସିକ ବୋଲି ପ୍ରଶଂସା କରିଛନ୍ତି । ଏଥିସହ ବେଆଇନ୍ ନିଶାକାରବାର ବିରୁଦ୍ଧରେ ପଦକ୍ଷେପ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ସୂଚନା ଯୋଗ୍ୟ ଦକ୍ଷିଣ ଆମେରିକାର ଇକ୍ୟୁଡର୍‌ରେ ହତ୍ୟାହାର ସବୁଠାରୁ ଅଧିକ ରହିଛି । ରାଷ୍ଟ୍ରପତି ନୋବୋଆଙ୍କ କାର୍ଯ୍ୟକାଳ ମଧ୍ୟରେ ଯଦିଓ ହିଂସା କାରବାର କିଛିମାତ୍ରାରେ ହ୍ରାସ ପାଇଛି ତଥାପି ସଡ଼କ ପଥରେ ସେନାବାହିନୀର ବ୍ୟବହାର ଏବଂ ନିଶା କାରବାରକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ନିର୍ମିତ ନୂତନ ହାଇସିକ୍ୟୁରିଟି ଜେଲ୍ ହିଂସା ବୃଦ୍ଧିର ଅନ୍ୟ ଏକ କାରଣ ବୋଲି କୁହାଯାଉଛି ।

## ରୁଷ-ଇଣ୍ଡିଆ

ଭାରତ ସହ ୭୮ ବର୍ଷ କୂଟନୈତିକ ସମ୍ପର୍କ ଅବସରରେ ରୁଷ ବୈଦେଶିକ ମନ୍ତ୍ରଣାଳୟ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛି । ଟେଲିଗ୍ରାମ୍ ମାଧ୍ୟମରେ ପ୍ରଦାନ କରାଯାଇଥିବା ଏହି ଅଭିନନ୍ଦନ ବାର୍ତ୍ତାରେ ରୁଷ ବୈଦେଶିକ ମନ୍ତ୍ରଣାଳୟ ଦ୍ୱିପାକ୍ଷିକ ସମ୍ପର୍କର ନିରନ୍ତର ଅଭିବୃଦ୍ଧି ଉପରେ ଆସ୍ଥା ପ୍ରକଟ କରିଛି । ଉଭୟ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀକୁ

ସୁଦୃଢ଼ କରିବାରେ ରୁଷ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି । ଜାତିସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇଁ ନୂଆଦିଲ୍ଲୀର ଦାବିକୁ ମସ୍କୋ ସମର୍ଥନ ଜଣାଉଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହେବ ବୋଲି ରୁଷର ବୈଦେଶିକ ମନ୍ତ୍ରଣାଳୟ ଉଲ୍ଲେଖ କରିଛି । ନିୟମିତ ଉଚ୍ଚସ୍ତରୀୟ ବୈଠକ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଅଧିକ ତ୍ୱରାନ୍ୱିତ କରିଛି । ଚଳିତ ବର୍ଷ ୬୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଥିବା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ରୁଷ ସ୍ୱିକୃତି ପ୍ରଦାନ କରିବା ସହ ଆଣବିକ ଶକ୍ତି କ୍ଷେତ୍ରରେ ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆଜି ରାତି ସାଢ଼େ ୯ଟାରେ 'ଗ୍ରୀଷ୍ମ ପ୍ରବାହ ସମୟରେ ସୁରକ୍ଷିତ ରହିବା' ଶୀର୍ଷକ ଆଲୋଚନାର ସିଧାସଳଖ ପ୍ରସାରଣ କରାଯିବ। ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡକ୍ଟର ଆର୍.କେ ଜେନାମଣି ଏବଂ ଲେଡି ହାର୍ଡିଂଗେ ମେଡିକାଲ କଲେଜର ମେଡିସିନ୍ ବିଭାଗର

ପ୍ରଫେସର ଡାକ୍ତର ଅନୁପମ ପ୍ରକାଶ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ସେମାନଙ୍କର ଆଲୋଚନ ପ୍ରସଙ୍ଗ ସମ୍ପର୍କିତ ପ୍ରଶ୍ନ ବିଶେଷଜ୍ଞମାନଙ୍କୁ ପଚାରିବାର ସୁଯୋଗ ପାଇବେ।

ଟେଲିଫୋନ୍ ନମ୍ବର ୦୧୧- ୨୩୪-୨୧-୦୫୦ ଓ ୦୧୧-୨୩୩-୧୪୪୪ ମାଧ୍ୟମରେ ସ୍ରୋତାମାନେ ରାତି ସାଢ଼େ ୯ଟାରୁ ସେମାନଙ୍କ ପ୍ରଶ୍ନ ପଚାରିପାରିବେ।

ସେହିପରି ହ୍ୱାଟ୍ସଆପ୍ ମାଧ୍ୟମରେ ୯୨୮-୯୦୯-୪୦୪୪ ନମ୍ବରକୁ ପ୍ରଶ୍ନ ପଠାଇପାରିବେ କିମ୍ବା **askair** ହ୍ୟାସଟ୍ୟାଗ୍ ସହ ଏକ୍ସ ମାଧ୍ୟମରେ ପ୍ରଶ୍ନ ପୋଷ୍ଟ କରିପାରିବେ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

# ୱିମେନ୍ ହକି

ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ମହିଳା ହକି ଦଳର ୨୬ ଜଣ ଖେଳାଳିଙ୍କର ତାଲିକା ଘୋଷଣା କରାଯାଇଛି । ପର୍ଥ ହକି ଷ୍ଟାଡିୟମ୍ ଠାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ । ଆସନ୍ତା ୨୬ ତାରିଖରୁ ମେ ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଗୁଡ଼ିକ ଚାଲିବ । ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ' ଅଷ୍ଟ୍ରେଲିଆ-ଏ ଦଳକୁ ଭେଟୁଥିବା ବେଳେ ପରବର୍ତ୍ତୀ ତିନୋଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ସିନିର୍ ଦଳ ସହ ମ୍ୟାଚ୍ ଖେଳିବ । ସଲିମା ଟେଟେଙ୍କ ନେତୃତ୍ୱରେ ଏହି ୨୬ ଜଣିଆ ଦଳ ଘୋଷଣା କରାଯାଇଛି । ନବନୀତ କୌର ଉପଅଧିନାୟକ ଭାବେ ମନୋନୀତ ହୋଇଛନ୍ତି । ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ପ୍ରତିଯୋଗିତା ପୂର୍ବରୁ ଭାରତୀୟ ହକି ଦଳ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ ସିରିଜ୍ ହେବ । ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ପ୍ରତିଯୋଗିତା ଆସନ୍ତା ଜୁନ୍ ମାସରେ ଆରମ୍ଭ ହେବାକୁ ଯାଉଛି ।

# ଆର୍ଚେରୀ ୱାର୍ଲ୍ଡକପ୍

ବିଶ୍ୱ ତୀରଚାଳନା ପ୍ରତିଯୋଗିତା ୨୦୨୫ରେ ଭାରତର ଧୀରାଜ ବୋମଦେବରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଆମେରିକାର ଫ୍ଲୋରିଡା ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ପୁରୁଷ ଏକକ ବର୍ଗ ରିକର୍ଭ ମ୍ୟାଚ୍‌ରେ ଧୀରାଜ ୬-୪ ପଏଣ୍ଟରେ ତାଙ୍କର ପ୍ରତିପକ୍ଷଙ୍କୁ ପରାସ୍ତ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଧୀରାଜ ତାଙ୍କର ଦ୍ୱିତୀୟ ପଦକ ହାସଲ କରିଛନ୍ତି । ଏଥିସହ ବିଶ୍ୱ ତୀରନ୍ଦାଜ ୨୦୨୫ରେ ଭାରତର ଅଭିଯାନ ଶେଷ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ସହ ମୋଟ୍ ୪ଟି ପଦକ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି ।